# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 March - 2026

*********************************

## ମୁଖ୍ୟ ସମ୍ବାଦ

- ଘରୋଇ ବ୍ୟବହାର ପାଇଁ ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କଲେ କେନ୍ଦ୍ର ସରକାର

— ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତି ଉପରେ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ

- ଭକ୍ତି ଏବଂ ନିଷ୍ଠାର ସହିତ ପାଳନ କରାଯାଉଛି ଶ୍ରୀରାମନବମୀ ଉତ୍ସବ

— ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଆଜିଠାରୁ ଆରମ୍ଭ ହେଲା ରଥକାଠ ଚିରଟ

- ଶାନ୍ତି ଓ ସଂସ୍କୃତି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ନାଟ୍ୟ ଦିବସ'

ଏବଂ

- କାଳବୈଶାଖୀ ପ୍ରଭାବରେ ଆସନ୍ତା ବୁଧବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା

# ଏକ୍ସାଇଜ୍ ଡ୍ୟୁଟି-ରିଡ୍ୟୁସ ଅଲ୍

କେନ୍ଦ୍ର ସରକାର ଘରୋଇ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି । ଉଭୟ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ୧୦ଟଙ୍କା ହ୍ରାସ କରାଯାଉଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ବିଷୟରେ ସୂଚନା ଦେଇ କହିଛନ୍ତି, ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉତ୍ପାଦ ଶୁଳ୍କ ହ୍ରାସ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ପଦକ୍ଷେପ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟବୃଦ୍ଧି ପ୍ରଭାବରୁ ଉପଭୋକ୍ତାମାନଙ୍କୁ ସୁରକ୍ଷା ଦେବ । ଅର୍ଥମନ୍ତ୍ରୀ କହିଛନ୍ତି ଡିଜେଲ ଉପରେ ରପ୍ତାନୀ ଶୁଳ୍କ ଲିଟର ପିଛା ୨୧ଟଙ୍କା ୫୦ ପଇସା ଏବଂ ଆଭିଏସନ ଟର୍ବାଇନ୍ ତୈଳ ଏଟିଏଫ୍ ଉପରେ ଲିଟର ପିଛା ୨୯ଟଙ୍କା ୫୦ ପଇସା ଲାଗୁ କରାଯାଇଛି । ଯାହା ଘରୋଇ ବ୍ୟବହାର ପାଇଁ ଅଧିକ ମାତ୍ରାରେ ଉପଲବ୍ଧ ହୋଇପାରିବ ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ସରକାରଙ୍କର ଏହି ନିଷ୍ପତ୍ତିକୁ ସ୍ୱାଗତ କରି କହିଛନ୍ତି, ସ୍ଥିରତା ଓ ଜନକଲ୍ୟାଣ ପାଇଁ କେନ୍ଦ୍ର ସରକାର ସର୍ବଦା ପ୍ରତିବଦ୍ଧ । ଗୁଜବ ଉପରେ ବିଶ୍ୱାସ ନ କରି ଶାନ୍ତ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପେଟ୍ରୋଲ ଓ ଡିଜେଲ ଉପରେ କେନ୍ଦ୍ରୀୟ ଅବକାରୀ ଶୁଳ୍‌କରେ ଲିଟର ପିଚ୍ଛା ୧୦ ଟଙ୍କା ହ୍ରାସ କରିବା ଏକ ସମୟୋଚିତ ପଦକ୍ଷେପ। ସାମ୍ପ୍ରତିକ ସମୟରେ ଏହି ନିର୍ଣ୍ଣାୟକ ତଥା ସୁଚିନ୍ତିତ ନିଷ୍ପତ୍ତି ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ବୈଠକ

ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତି ନେଇ ରାଜ୍ୟଗୁଡ଼ିକର ପ୍ରସ୍ତୁତି ଏବଂ ଯୋଜନା ସମୀକ୍ଷା କରିବା ଉଦ୍ଦେଶ୍ୟରେ ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କ ସହ ଆଭାସୀ ଜରିଆରେ ବାର୍ତ୍ତାଳାପ କରିବେ। ବୈଠକରେ ଦେଶରେ ଗ୍ରହଣ କରାଯାଉଥିବା ବିଭିନ୍ନ ସମନ୍ୱୟମୂଳକ ପଦକ୍ଷେପ ଉପରେ ଆଲୋଚନା ହେବ । ବିଧାନସଭା ନିର୍ବାଚନ ହେବାକୁଥିବା ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ନିର୍ବାଚନ ଆଚରଣ ବିଧି ଯୋଗୁଁ ବୈଠକରେ ଯୋଗଦେବେ ନାହିଁ ।

## ପବିତ୍ର ଶ୍ରୀରାମନବମୀ

ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିକୁ ପ୍ରଭୁ ଶ୍ରୀରାମଙ୍କ ପବିତ୍ର ଜନ୍ମ ଦିବସ ଭାବେ ଦେଶରେ ନିଷ୍ଠାର ସହ ପାଳନ କରାଯାଇଥାଏ । ରାମାୟଣର ତଥ୍ୟ ଅନୁସାରେ ନବରାତ୍ରର ଶେଷଦିନରେ କର୍କଟ ଲଗ୍ନରେ ପୁନର୍ବସୁ ନକ୍ଷତ୍ର

ସମୟରେ ପଞ୍ଚଗ୍ରହ ଉଚ୍ଚସ୍ଥାନରେ ଏବଂ ସୂର୍ଯ୍ୟ ମେଷରାଶି ଉପରେ ଥିବା ମଧ୍ୟାହ୍ନ ସମୟରେ ପ୍ରଭୁ ଶ୍ରୀରାମଙ୍କର ଆବିର୍ଭାବ ହୋଇଥିଲା ।

ଶ୍ରୀରାମ ନବମୀ ଅବସରରେ **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଅଯୋଧ୍ୟା ରାମ ଜନ୍ମଭୂମି ମନ୍ଦିରରେ ଆଜି ସୂର୍ଯ୍ୟତିଳକ ଉତ୍ସବ ଦେଖିବା ସହିତ ପ୍ରାର୍ଥନା କରିଛନ୍ତି । ଦେଶବାସୀଙ୍କୁ ଶ୍ରୀରାମନବମୀର ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଜୀବନାଦର୍ଶ ସମସ୍ତଙ୍କୁ ପ୍ରତ୍ୟେକ ପରିସ୍ଥିତିର ସାମ୍ନା କରି କାର୍ଯ୍ୟ କରିବା ଲାଗି ଦୃଢ଼ତା ପ୍ରଦାନ କରିଥାଏ । ଏହି ଅବସରରେ ଏକ ବିକଶିତ ଏବଂ ଆତ୍ମନିର୍ଭର ଭାରତ ଗଠନ ଦିଗରେ ଶ୍ରୀ ମୋଦୀ ପ୍ରଭୁ ଶ୍ରୀରାମଙ୍କ ଆଶୀଷ କାମନା କରିଛନ୍ତି ।

## ଶ୍ରୀରାମନବମୀ ପୁରୀ

**ପୁରୀ** ଶ୍ରୀମନ୍ଦିରରେ ଶ୍ରୀରାମନବମୀ ଅବସରରେ ପ୍ରଭୁଙ୍କର ଜନ୍ମ ନୀତି ଅନୁଷ୍ଠିତ ହେବ। ମଧ୍ୟାହ୍ନ ଧୂପ ଭୋଗ ନୀତି ଶେଷହେବା ପରଠାରୁ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ରଥଯାତ୍ରା ପାଇଁ ଆଜି ରଥକାଠ ଚିରଟ ଅନୁକୂଳ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପ୍ରତିନିଧିଦଳ ଠାକୁରଙ୍କ ମହାପ୍ରସାଦ ଓ ମାଳ ନେଇ କଟକ ଖପୁରିଆ କରତକଲରେ ପହଞ୍ଚିବା ପରେ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ କାଠ ଚିରା

ଆରମ୍ଭ ହୋଇଛି। ତିନି ଖଣ୍ଡ ୧୨ ଫୁଟିଆ ଧଉରା କାଠ ଆଜି ଚିରଟ କରାଯିବ।

ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ, ଭୋଇ ସର୍ଦ୍ଦାର, ତିନିରଥର ବିଶ୍ୱକର୍ମା ମହାରଣା ପ୍ରମୁଖ ଖପୁରିଆ କରତ କଳରେ ଉପସ୍ଥିତ ଅଛନ୍ତି। ପୁରୀ ଶ୍ରୀକ୍ଷେତ୍ରରେ ଆଜିଠାରୁ ସାହିଯାତ ଆରମ୍ଭ ହେଉଛି। ପରମ୍ପରା ଅନୁସାରେ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଓ ରୁଷ୍ୟଶୃଙ୍ଗ ଋଷି କାଳିକା ଦେବୀ ସାହିରୁ ବାହାରି ମାଟି ମଣ୍ଡପ ସାହି  ପରିକ୍ରମା କରିଥାନ୍ତି । ପ୍ରଭୁ ଶ୍ରୀରାମଙ୍କ ଅଭିଷେକ ଦିନ ଏହି ଯାତ୍ରା ସଂପନ୍ନ ହୋଇଥାଏ ।

# ଶ୍ରୀରାମନବମୀ ଜିଲ୍ଲା

ପୁରପଲ୍ଲୀଠାରୁ ଆରମ୍ଭ କରି ବିଭିନ୍ନ ମନ୍ଦିରଗୁଡ଼ିକରେ ଶ୍ରୀରାମନବମୀ ଅବସରରେ ସ୍ୱତନ୍ତ୍ର ନୀତିକାନ୍ତି ସହ ପୂଜାର୍ଚ୍ଚନା କରାଯାଉଛି।

**ନୟାଗଡ଼** ଜିଲ୍ଲା ଓଡଗାଁର ପ୍ରସିଦ୍ଧ ଶ୍ରୀରଘୁନାଥଜୀଉଙ୍କ ପୀଠରେ ଶ୍ରୀରାମନବମୀ ମହାସମାରୋହରେ ପାଳନ କରାଯାଉଛି। ଜନ୍ମନାରାୟଣ ବେଶରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଭାପୁର ବ୍ଲକ୍ ଫତେଗଡ଼ର ଶ୍ରୀରାମ ମନ୍ଦିରରେ ମଧ୍ୟ ଶ୍ରଦ୍ଧାଳୁଙ୍କର ଭିଡ ଲାଗି ରହିଛି।

**ସୁବର୍ଣ୍ଣପୁର** ଜିଲ୍ଲାର ପ୍ରମୁଖ ଦେବାଳୟଗୁଡ଼ିକରେ ଶ୍ରୀରାମନବମୀ ଉତ୍ସବ ପାଳିତ ହେଉଛି। ଜିଲ୍ଲାର ବୀରମହାରାଜପୁର, ଉଲ୍ଲୁଣ୍ଡା, ତରଭା, ବିନିକା,

ଡୁଙ୍ଗୁରିପାଲି ଗାଁରେ ଆସନ୍ତାକାଲିଠାରୁ ଗ୍ରାମୀଣ କଳାକାରଙ୍କ ଦ୍ୱାରା ରାମଲୀଳା ନାଟକ ମଞ୍ଚସ୍ଥ ହେବ।

**ରାୟଗଡ଼ା** ଜିଲ୍ଲାର ଜେକେ, ମୁନିଗୁଡ଼ା ସମେତ ବିଭିନ୍ନ ସ୍ଥାନରେ ଶ୍ରୀରାମନବମୀ ଉତ୍ସବ ପାଳନ କରାଯାଉଛି।

**ମାଲକାନଗିରି** ଜିଲ୍ଲାର ଶ୍ରୀରାମମନ୍ଦିରଗୁଡ଼ିକରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହିତ ଅଷ୍ଟପ୍ରହରୀ ଓ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି।

## ବିଶ୍ୱ ନାଟ୍ୟ ଦିବସ

ନାଟକର ମୂଲ୍ୟ ଏବଂ ସମାଜରେ ତା'ର ପ୍ରଭାବକୁ ଉଜ୍ଜୀବିତ କରିବା ନେଇ ଆଜି ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଉଛି। ଆନ୍ତର୍ଜାତିକ ଥିଏଟର୍ ପ୍ରତିଷ୍ଠାନ ପକ୍ଷରୁ ୧୯୬୧ ମସିହାରୁ ଏହି ଦିବସ ପାଳନ କରାଯାଇଆସୁଛି। ଶାନ୍ତି ଏବଂ ସଂସ୍କୃତି ବିଷୟରେ ଲୋକଙ୍କୁ ସଚେତନ କରାଇବାର ବାର୍ତ୍ତା ନେଇ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଇଥାଏ।

ଶୁଣନ୍ତୁ ଏ ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା....

ନାଟକ ହେଉଛି ମନୁଷ୍ୟର ଭାବନା, ସମାଜର ପ୍ରତିବିମ୍ବ ଓ ସୃଜନଶୀଳତାର ଜୀବନ୍ତ ମଂଚ। ଭାରତରେ ନାଟ୍ୟକଳାର ଇତିହାସ ବେଶ୍ ପୁରୁଣା। ଥିଏଟର ଏଭଳି ଏକ ସ୍ଥାନ, ଯେଉଁଠାରେ ବ୍ୟକ୍ତି ଅନେକ ଘଟଣାକୁ

ନିଜର କଳା ମାଧ୍ୟମରେ ଦୁନିଆଁ ସମ୍ମୁଖକୁ ଆଣିବାରେ ସକ୍ଷମ ହୋଇଥାଏ। ନାଟକ ଜନସାଧାରଣଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବା ସହିତ ବିଭିନ୍ନ ସାମାଜିକ ସମସ୍ୟା ସମ୍ପର୍କରେ ଅବଗତ କରାଇଥାଏ।

୧୯୬୧ ମସିହାରେ ଆନ୍ତର୍ଜାତିକ ରଂଗମଂଚ ପ୍ରତିଷ୍ଠାନ ଦ୍ୱାରା ଆରମ୍ଭ ହୋଇଥିବା ଏହି ଦିବସ ନାଟକ ଓ ନାଟ୍ୟକଳାର ମୂଲ୍ୟବୋଧ, ମନୋରଞ୍ଜନ କ୍ଷେତ୍ରରେ ନାଟ୍ୟକାର ଓ ଶିଳ୍ପୀଙ୍କ ଭୂମିକାକୁ ସମ୍ମାନ ଜଣାଇବାର ଏକ ସ୍ୱତନ୍ତ୍ର ଅବସର ଆଣିଦେଇଛି। ଓଡ଼ିଶାରେ ନାଟ୍ୟକଳାର ଏକ ସମୃଦ୍ଧ ପରମ୍ପରା ରହିଛି। ଦାସକାଠିଆ, ପାଲ୍ଲା, ଯାତ୍ରା ଓ ଆଧୁନିକ ନାଟକ ମାଧ୍ୟମରେ ଏହି ପରମ୍ପରା ଆଜି ବି ଅକ୍ଷୁର୍ଣ୍ଣ ରହିଛି। ଡିଜିଟାଲ ଯୁଗରେ ଚଳଚ୍ଚିତ୍ର ଓ ଓଟିଟି ପ୍ଲାଟଫର୍ମର ପ୍ରଭାବ ବଢ଼ିଥିଲେ ମଧ୍ୟ ନାଟକ ତାର ସ୍ୱତନ୍ତ୍ରତା ବଜାୟ ରଖିଛି। ଏହି ଦିବସ ଅବସରରେ ନାଟ୍ୟ ନିର୍ଦ୍ଦେଶକ ଦିନେଶ ଦାସ ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି.....

**- V/O -**

ବିଶ୍ୱ ରଙ୍ଗମଂଚ ଦିବସ ଆମକୁ ସ୍ମରଣ କରାଇଥାଏ, ଏହା ଏକ କଳା ନୁହେଁ ଏହା ଜୀବନର ଏକ ଅଭିନ୍ନ ଅଂଶ।

ନାଟ୍ୟ ଦିବସ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ନାଟ୍ୟାନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ନାଟକ ପରିବେଷଣ ଏବଂ ନାଟ୍ୟକାର ସମ୍ମାନ ସମାରୋହର ଆୟୋଜନ କରାଯାଉଛି।

*ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ*

# ସ୍ଥଳସେନା ମୁଖ୍ୟଙ୍କ ଗସ୍ତ

ଭାରତୀୟ ସ୍ଥଳସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆଜିଠାରୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଆସନ୍ତାକାଲି ପୁରୀ ଗସ୍ତ କରି ଶ୍ରୀଜୀଉଙ୍କୁ ଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ଗସ୍ତ ସମୟରେ ଶ୍ରୀ ଦ୍ୱିବେଦୀ ଭୁବନେଶ୍ୱରସ୍ଥିତ ଓ୍ୱାନ୍ ଟ୍ୱେଣ୍ଟି ବାଲାଟିୟନ୍ ଏବଂ ଗଞ୍ଜାମ ଜିଲ୍ଲା ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି ।

# ସଂପାନ କାର୍ଯ୍ୟକ୍ରମ

ସରକାରୀ ଯୋଜନା ଓ କାର୍ଯ୍ୟକ୍ରମକୁ ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବା ପାଇଁ ଉପଯୁକ୍ତ ସଂଯୋଗ ମାଧ୍ୟମର ଆବଶ୍ୟକତା ରହିଛି ବୋଲି ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଛନ୍ତି। ସୁବାବେଡାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ 'ସାର୍ବଜନୀନ ସଂଯୋଗ ଓ ସରକାରୀ ପହଂଚ ପ୍ରୟାସ' ଶୀର୍ଷକ ସଂପାନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମିଶ୍ର କହିଛନ୍ତି, ଡିଜିଟାଲ ଯୁଗରେ ସମୟୋପଯୋଗୀ, ପାରଦର୍ଶୀ ଓ ସହଜ ଭାବରେ ସୂଚନା ପ୍ରସାରଣ ହେବା ଆବଶ୍ୟକ। ଏହା ମାଧ୍ୟମରେ ସରକାରୀ ନୀତି ଓ ଲୋକଙ୍କ ମଧ୍ୟରେ ଥିବା ଦୂରତା କମିବା ସହିତ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ତ୍ୱରିତ ହୋଇପାରିବ। କାର୍ଯ୍ୟକ୍ରମରେ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

## ଜଂଗଲ ନିଆଁ

**ଗଞ୍ଜାମ** ଜିଲ୍ଲା ସୋରଡା ବ୍ଲକ୍ ଅନ୍ତର୍ଗତ ବଡ଼ଗଡ଼ ବନାଞ୍ଚଳର ଖାରୀଗୁଡ଼ା ମେଗା ନର୍ସରୀଠାରେ ଜଂଗଲ ନିଆଁ ଆୟତ୍ତ କରିବା ସମ୍ପର୍କିତ ଏକ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ବଡ଼ଗଡ଼ ରେଞ୍ଜ ଅଧିକାରୀଙ୍କ ସମେତ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଯୋଗଦେଇ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି ଜଂଗଲ ନିଆଁକୁ ଲିଭାଇବା ପାଇଁ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା କଳାକାରଙ୍କ ଦ୍ୱାରା ଜଂଗଲ ସୁରକ୍ଷା ସଂପର୍କିତ ଏକ ସଚେତନତାମୂଳକ ନାଟକ ପରିବେଷଣ କରାଯାଇଥିଲା।

## ଅଗ୍ନି ନିରାପତ୍ତା ତାଲିମ୍

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲର କର୍ମଚାରୀଙ୍କୁ ଅଗ୍ନି ନିରାପତ୍ତା ସମ୍ପର୍କିତ ତାଲିମ ପ୍ରଦାନ କରାଯିବ। ଏ ନେଇ ଏକ ୪୫ ଦିନିଆ ତାଲିମ୍ ଶିବିର ଆୟୋଜନ ନିମିତ୍ତ ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀଙ୍କୁ ମେଡିକାଲ କର୍ତ୍ତୃପକ୍ଷ ଜଣାଇଛନ୍ତି। ପ୍ରଶିକ୍ଷଣ ଶିବିର ଆସନ୍ତା ପହିଲାରୁ ଆରମ୍ ହୋଇ ମଇ ମାସ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ।

## ପାଣିପାଗ

ରାଜ୍ୟର ଉତ୍ତରଭାଗ ସଂଲଗ୍ନ ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ଦେଢ଼କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱରରେ ସର୍ବାଧିକ ୧୯ ଦଶମିକ ୭

ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଆସନ୍ତା ବୁଧବାର ପର୍ଯ୍ୟନ୍ତ କାଳବୈଶାଖୀ  ପ୍ରଭାବରେ ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।